بسم اللہ الرحمٰن الرحیم

**ଖୁତବା ଜୁମା ୧୧ ସେପ୍ଟେମ୍ବର ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# *ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ହଜ୍‌ରତ୍ ବିଲାଲ୍ ବିନ୍ ରବାହା ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ: ଆଜି ଯେଉଁ ସାହାବିଙ୍କର ମୁଁ ଚର୍ଚ୍ଚା କରିବି ସେ ହେଉଛନ୍ତି ହଜରତ୍ ବିଲାଲ୍ ବିନ୍ ରବାହା ର.ଅ । ହଜ଼ରତ ବିଲାଲ୍ ର.ଅ ଉମୈୟା ବିନ୍ ଖଲଫ୍‌ର ଦାସ ଥିଲେ । ହଜ଼ରତ ବିଲାଲ୍ ର.ଅ ଗହମ ପରି ଶ୍ୟାମଳ ବର୍ଣ୍ଣ ଥିଲେ । ତାଙ୍କ ଶରୀର ପତଳା ଥିଲା, ମୁଣ୍ଡରେ ଘନ କେଶ ଏବଂ ଗାଲ ଦ୍ୱୟରେ ଖୁବ୍ କମ୍ ମାଂସ ଥିଲା । ହଜ଼ରତ ବିଲାଲ୍ ର.ଅ ଏକାଧିକ ବିବାହ କରିଥିଲେ। ତାଙ୍କର କେତେକ ପତ୍ନୀ ଆରବର ଅତ୍ୟନ୍ତ ଶିଷ୍ଟ ଏବଂ ପ୍ରତିଷ୍ଠିତ ବଂଶୀୟ ଥିଲେ । ତାଙ୍କର ଜଣେ ପତ୍ନୀଙ୍କ ନାମ ହାଲା ବିନ୍ତ୍ ଔଫ୍ ଥିଲା । ଯିଏ ହଜ଼ରତ ଅବ୍‌ଦୁର୍ ରହମାନ୍ ବିନ୍ ଔଫଙ୍କର ଭଗିନୀ ଥିଲେ । ହଜ଼ରତ ବିଲାଲ୍ ର.ଅଙ୍କର ଜଣେ ଭାଇ ଥିଲେ ଯାହାଙ୍କ ନାମ ଖାଲିଦ୍ ଥିଲା ଏବଂ ଜଣେ ଭଉଣୀ ଥିଲେ ଯାହାଙ୍କ ନାମ ଗଫିରା ଥିଲା । ରସୁଲ୍ କରୀମ୍ ସ.ଅ କହିଲେ ହଜ଼ରତ ବିଲାଲ୍ ର.ଅ ସାବିକୁଲ୍ ହବ୍‌ଶା ଅର୍ଥାତ୍ ହବଶାବାସୀଙ୍କ ମଧ୍ୟରେ ସର୍ବପ୍ରଥମେ ବିଶ୍ୱାସ ଆଣିଥିଲେ ।

ଉରୱା ବିନ୍ ଜୁବୈର୍ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ବିଲାଲ୍ ର.ଅ ଯେତେବେଳେ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ ସେତେବେଳେ ତାଙ୍କୁ ନାନା ପ୍ରକାରର କଠୋର ଦଣ୍ଡ ଦିଆଯାଉଥିଲା । ଯଦ୍ୱାରା ସେ ନିଜ ଧର୍ମରୁ ଓହରି ଯିବେ । କିନ୍ତୁ ଅବିଶ୍ୱାସକାରୀମାନେ ଯେପରି ଆଶା ବାନ୍ଧିଥିଲେ ସେପରି ଅବିଶ୍ୱାସମୂଳକ କଲମା (ଏକେଶ୍ୱର ବାଦର ବିରୁଦ୍ଧୀୟ ଶବ୍ଦ) ସେ କଦାପି ସେହି ଅବିଶ୍ୱାସକାରୀଙ୍କ ଆଗରେ ତୁଣ୍ଡରେ ଧରୁ ନଥିଲେ । ଅର୍ଥାତ ସେ ଅଲ୍ଲାଃତାଲାଙ୍କର ଅବଜ୍ଞା କରୁ ନଥିଲେ । ଲୋକମାନେ ଯେତେବେଳେ ହଜ଼ରତ ବିଲାଲ୍ ର.ଅଙ୍କୁ ଦଣ୍ଡ ଦେବାରେ କଠୋରତା ପ୍ରଦର୍ଶନ କରୁଥିଲେ ସେତେବେଳେ ହଜ଼ରତ ବିଲାଲ୍ ର.ଅ **ଅହଦ୍ ଅହଦ୍** କହୁଥିଲେ । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ହଜ଼ରତ ବିଲାଲ୍ ର.ଅ ବିଶ୍ୱାସ ଆଣିଲେ ସେତେବେଳେ ହଜ଼ରତ ବିଲାଲ୍ ର.ଅଙ୍କର ମାଲିକମାନେ ତାଙ୍କୁ ଧରି ଭୂମି ଉପରେ ଶୁଆଇ ଦେଉଥିଲେ ଏବଂ ତାଙ୍କ ଉପରେ ବାଲି ଗରଡ଼ା, ଗାଈର ଚମଡ଼ା ଲଦି ଦେଉଥିଲେ ଏବଂ ତାଙ୍କୁ କହୁଥିଲେ ତୁମେ କୁହ ଯେ, ତୁମର ପାଳନକର୍ତ୍ତା ଲାତ୍ ଓ ଉଜ୍‌ଜା ଅଟନ୍ତି । ସେ କିନ୍ତୁ **ଅହଦ୍ ଅହଦ୍** ହିଁ କହୁଥିଲେ । ହଜ଼ରତ ଅବୁ ବକ୍କର ର.ଅ ତାଙ୍କ ମାଲିକ ନିକଟକୁ ଆସିଲେ ଏବଂ କହିଲେ ତୁମେମାନେ ଏହି ନିରୀହ ବ୍ୟକ୍ତିକୁ ଆଉ କେତେ କଷ୍ଟ ଦେବ ? ହଜ଼ରତ ଅବୁ ବକ୍କର୍ ର.ଅ ହଜ଼ରତ ବିଲାଲ୍ ର.ଅଙ୍କୁ ୭

ଔକ଼ିୟା (ଆରବୀୟ ମୁଦ୍ରା)ରେ କ୍ରୟ କରି ତାଙ୍କୁ ସ୍ୱାଧୀନ କରି ଦେଇଥିଲେ । ହଜ଼ରତ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ଅବୁ ବକ୍କର ର.ଅ ଏପରି ୭ ଜଣ ଦାସଙ୍କୁ ସ୍ୱାଧୀନ କରିଥିଲେ ଯେଉଁମାନଙ୍କୁ ଇସ୍‌ଲାମ୍ ପାଇଁ ଦଣ୍ଡ ଏବଂ କଷଣ ଦିଆଯାଉଥିଲା । ତନ୍ମଧ୍ୟରୁ ହଜ଼ରତ ବିଲାଲ୍ ର.ଅ ଓ ହଜ଼ରତ ଆମିର୍ ବିନ୍ ଫୁହେିରା ର.ଅ ଅନ୍ୟତମ ଅଟନ୍ତି । ହଜ଼ରତ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ଉମର୍ ର.ଅ କହୁଥିଲେ ଯେ, ଅବୁ ବକ୍କର ର.ଅ ଆମର ଅଧିପତି ଏବଂ ସେ ଆମର ନେତା ବିଲାଲ୍‌ଙ୍କୁ ସ୍ୱାଧୀନ କରାଇଛନ୍ତି ।

ହଜ଼ରତ ଖଲିଫତୁଲ୍ ମସିହ୍ ସାନି ର.ଅ କହନ୍ତି: ଅଲ୍ଲାଃତାଲା ଯେତେବେଳେ ମୁସଲମାନମାନଙ୍କୁ ମଦିନାରେ ଶାନ୍ତି ପ୍ରଦାନ କଲେ ଏବଂ ମୁସଲମାନମାନେ ସ୍ୱାଧୀନତାପୂର୍ବକ ଅଲ୍ଲାଃତାଲାଙ୍କର ଉପାସନା କରିବାକୁ ସମର୍ଥ ହେଲେ ସେତେବେଳେ ରସୁଲ୍ କରୀମ୍ ସ.ଅ ହଜ଼ରତ ବିଲାଲ୍ ର.ଅଙ୍କୁ ଅଜ଼ାନ୍ ଦେବା ପାଇଁ ନିୟୋଜିତ କଲେ । ଏହି ନିଗ୍ରୋ ଦାସ ଯେତେବେଳେ ଅଜ଼ାନ୍‌ରେ **ଅଶ୍‌ହଦୁ ଅଲ୍ଲାଃ ଇଲାହା ଇଲ୍ଲଲ୍ଲାହ** ପରିବର୍ତ୍ତେ **ଅସ୍‌ହଦୁ ଅଲ୍ଲାଃ ଇଲାହା ଇଲ୍ଲଲ୍ଲାହ** କହୁଥିଲେ ସେତେବେଳେ ମଦିନାର ଲୋକମାନେ ଯେଉଁମାନେ ତାଙ୍କର ଅଣଆରବୀୟ ପ୍ରସଙ୍ଗରୁ ଅପରିଚିତ ଥିଲେ ସେମାନେ ବିଲାଲ୍ ର.ଅଙ୍କ ସହ ଉପହାସ କରୁଥିଲେ । ଏକଦା ରସୁଲ୍ କରୀମ୍ ସ.ଅ ହଜ଼ରତ ବିଲାଲ୍ ର.ଅଙ୍କ ଅଜ଼ାନ୍ ବେଳେ ସେହି ଲୋକମାନଙ୍କୁ ହସୁଥିବାର ଦେଖିଲେ, ସେତେବେଳେ ରସୁଲ୍ କରୀମ୍ ସ.ଅ ସେମାନଙ୍କ ଆଡ଼କୁ ମୁହାଇଁ କହିଲେ ତୁମେମାନେ ବିଲାଲ୍ ର.ଅଙ୍କ ଅଜ଼ାନ୍ ଦେବାରେ ହସୁଛ ! କିନ୍ତୁ ଅଲ୍ଲାଃତାଲା ଅର୍ଶରେ ତାଙ୍କ ଅଜ଼ାନ ଶୁଣି ଖୁବ୍ ଆନନ୍ଦିତ ହୁଅନ୍ତି । ଏଥିରେ ହୁଜ଼ୁର ସ.ଅ ଇଙ୍ଗିତ କରିବାକୁ ଚାହୁଁଥିଲେ ଯେ, ତୁମମାନଙ୍କୁ ତ' ବିଦିତ ହେଉଛି ଯେ, ସେ **ଶିନ୍** ଉଚ୍ଚାରଣ କରି ପାରନ୍ତି ନାହିଁ କିନ୍ତୁ **ଶିନ୍** ଓ **ସିନ୍**ରେ କ'ଣ ଅନ୍ତର ରହିଛି । ଅଲ୍ଲାଃତାଲା ଜାଣନ୍ତି ଯେ, ଯେତେବେଳେ ଉତ୍ତପ୍ତ ବାଲିରେ ତାଙ୍କୁ ଫୁଙ୍ଗୁଳା ପିଠିରେ ଓଲଟା ଶୁଆଇ ଦିଆ ଯାଉଥିଲା ଏବଂ ତାଙ୍କ ଛାତି ଉପରେ ଅତ୍ୟାଚାରୀ ନିଜର ଜୋତା ସମେତ ଡେଉଁଥିଲେ ଏବଂ ତାଙ୍କୁ ପ୍ରଶ୍ନ କରୁଥିଲେ ଯେ, ବର୍ତ୍ତମାନ ତୁ' ଏଥିରୁ କିଛି ଶିକ୍ଷା ହାସଲ କଲୁ ନା ନାହିଁ ? ତେବେ ପ୍ରତ୍ୟୁତ୍ତରରେ ଅସଂପୂର୍ଣ୍ଣ ଭାଷାରେ ସେ **ଅହଦ୍ ଅହଦ୍** କହି ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ଘୋଷଣା କରୁଥିଲେ ଏବଂ ନିଜ ବିଶ୍ୱସ୍ତତା, ଏକେଶ୍ୱରବାଦୀ ଆସ୍ଥା ତଥା ନିଜ ହୃଦୟରେ ଥିବା ଦୃଢ ବିଶ୍ୱାସର ପରିଚୟ ଦେଉଥିଲେ । ସୁତରାଂ ତାହାର **ଅସ୍‌ହଦୁ** ଅନେକ ଲୋକଙ୍କ **ଅଶ୍‌ହଦୁ** ଠାରୁ ଅଧିକ ମୂଲ୍ୟବାନ ଥିଲା । ହଜ଼ରତ ବିଲାଲ୍ ର.ଅ ସେହି ପ୍ରାଥମିକ ବିଶ୍ୱାସକାରୀଙ୍କ ମଧ୍ୟରେ ପରିଗଣିତ ହୁଅନ୍ତି ଯିଏ ଏଭଳି ସମୟରେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାର ଘୋଷଣା କଲେ ଯେତେବେଳେ କେବଳ ୭ ଜଣ ବ୍ୟକ୍ତିମାନେ ହିଁ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାର ଘୋଷଣା କରିଥିଲେ ।

ହଜ଼ରତ ଖଲିଫତୁଲ୍ ମସିହ୍ ସାନି ର.ଅ ହଜ଼ରତ ବିଲାଲ୍ ର.ଅଙ୍କ ପ୍ରାରମ୍ଭିକ ପର୍ଯ୍ୟାୟରେ ବିଶ୍ୱାସ ଆଣିବା ସଂକ୍ରାନ୍ତରେ ଚର୍ଚ୍ଚା କରି ଏକ ସ୍ଥାନରେ ଉଲ୍ଲେଖ କରନ୍ତି ଯେ, ହଜ଼ରତ ଖବ୍‌ବାବ୍ ର.ଅ ଯିଏକି

ଆଗୁଆ ବିଶ୍ୱାସକାରୀ ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ ଏବଂ ଯାହାଙ୍କ ସଂପର୍କରେ ଏହି ମତାନ୍ତର ରହିଛି ଯେ, ବିଲାଲ୍ ସର୍ବପ୍ରଥମେ ବୈଅତ୍ କରିଥିଲେ । କାରଣ ରସୁଲ୍ କରୀମ୍ ସ.ଅ କହିଲେ ଯେ, ଜଣେ ଦାସ ଏବଂ ଜଣେ ହୁର୍ ଅର୍ଥାତ୍ ସ୍ୱାଧୀନ ପ୍ରାପ୍ତ ବ୍ୟକ୍ତି ସର୍ବପ୍ରଥମେ ମୋତେ ସ୍ୱୀକାର କରିଥିଲେ । କେତେକ ଲୋକମାନେ ତହିଁରୁ ହଜ଼ରତ ଅବୁ ବକ୍କର୍ ର.ଅ ଓ ହଜ଼ରତ ବିଲାଲ୍ ର.ଅ ଯଥାର୍ଥ ବୋଲି ମନେ କରନ୍ତି ଏବଂ କେତେକ ଲୋକମାନେ ତହିଁରୁ ହଜ଼ରତ ଅବୁ ବକ୍କର୍ ର.ଅ ଓ ହଜ଼ରତ ଖବ୍‌ବାବ୍ ବୋଲି ମନେ କରନ୍ତି ।

**ତବ୍‌କାତୁଲ୍ କୁବ୍‌ରା**ରେ ଉଲ୍ଲେଖ ରହିଛି ଯେ, ହଜ଼ରତ ବିଲାଲ୍ ର.ଅ ରସୁଲ୍ କରୀମ୍ ସ.ଅଙ୍କ ସହିତ ବଦର୍, ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ସାମିଲ୍ ହୋଇଥିଲେ । ବଦର୍ ଯୁଦ୍ଧରେ ହଜ଼ରତ ବିଲାଲ୍ ର.ଅ ଉମୈୟା ବିନ୍ ଖଲଫ୍‌କୁ ବଧ କରିଥିଲେ । ଯିଏ ଇସ୍‌ଲାମ୍‌ର ପରମ ଶତ୍ରୁ ଥିଲା ଏବଂ ହଜ଼ରତ ବିଲାଲ୍ ର.ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ଯୋଗୁଁ ତାଙ୍କ ଉପରେ ଅତ୍ୟାଚାର କରୁଥିଲା। ଉମୈୟା ବିନ୍ ଖଲଫ୍‌ର ବଧ ଘଟଣା ସହୀ ବୁଖାରୀରେ ବର୍ଣ୍ଣିତ ହୋଇଛି ଯାହାକୁ ଖୁବୈବ୍ ବିନ୍ ଅସାଫ୍ ର.ଅଙ୍କ ଚର୍ଚ୍ଚାରେ ମୁଁ ବର୍ଣ୍ଣନା କରି ଆସିଛି ।

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହଜ଼ରତ ବିଲାଲ୍ ର.ଅ ଆଁହଜ଼ରତ ସ.ଅଙ୍କର ବ୍ୟକ୍ତିଗତ ସଚିବ ଅଥବା କୋଷରକ୍ଷକ ଭାବରେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ । ହଜ଼ରତ ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ମୋତେ କହିଲେ ଯେ, ମୋତେ ଅଲ୍ଲାଃତାଲାଙ୍କ ସକାଶେ ଏତେ ଦୁଃଖ କଷ୍ଟ ଦିଆଗଲା ଯେ, ଅନ୍ୟ କୌଣସି ବ୍ୟକ୍ତିକୁ ମଧ୍ୟ ଏଭଳି ଯନ୍ତ୍ରଣା ଦିଆଯାଇ ନଥିବ । ମୋତେ ଅଲ୍ଲାଃତାଲାଙ୍କ ସକାଶେ ଏତେ ଭୟଭୀତ କରାଗଲା କି ଅନ୍ୟ କାହାରିକୁ ଏପରି ଭୟଭୀତ କରାଯାଇ ନଥିବ । ମୋ ଉପରେ ତୃତୀୟ ରାତ୍ର ଆସି ଯାଉଥିଲା ଯେ, ମୋ ଏବଂ ବିଲାଲ୍ ର.ଅଙ୍କ ନିକଟରେ ଏଭଳି କୌଣସି ଆହାର ନଥିଲା ଯାହାକୁ କୌଣସି ଜୀବ ଖାଇ ପାରିବ । କିନ୍ତୁ ସେତିକି ମାତ୍ରାରେ ହିଁ ଯେତିକି ହଜ଼ରତ ବିଲାଲ୍ ର.ଅ ନିଜ କାଖରେ ଲୁଚାଇ ପାରୁଥିଲେ ।

ହଜ଼ରତ ବିଲାଲ୍ ର.ଅଙ୍କୁ ସର୍ବପ୍ରଥମ ମୁଅଜ୍‌ଜ଼ିନ୍ ହେବାର ସୌଭାଗ୍ୟ ଲାଭ ହୋଇଥିଲା । ହଜ଼ରତ ବିଲାଲ୍ ର.ଅ ରସୁଲ୍ କରୀମ୍ ସ.ଅଙ୍କ ସମଗ୍ର ଜୀବନ କାଳରେ ଆଁହଜ଼ରତ ସ.ଅଙ୍କ ପାଇଁ ଭ୍ରମଣ ଓ ଅବସ୍ଥାନ କାଳରେ ମୁଅଜ୍‌ଜ଼ିନ୍ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ ଏବଂ ସେ ହିଁ ହେଉଛନ୍ତି ଇସଲାମ୍ ଧର୍ମର ସର୍ବପ୍ରଥମ ବ୍ୟକ୍ତି ଯାହାଙ୍କୁ ଅଜ଼ାନ୍ ଦେବାର ସୌଭାଗ୍ୟ ଲାଭ ହୋଇଥିଲା ।

ମୁହମ୍ମଦ୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଜ଼ୈଦ୍ ନିଜର ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଆଁହଜ଼ରତ୍ ସ.ଅ ନମାଜ଼ ପାଇଁ ବିଗୁଲ୍ (ଶଙ୍ଖନାଦ) ବିଷୟରେ ଭାବିଲେ, ପୁନଶ୍ଚ ନାକୁସ୍ (ଦୁନ୍ଦୁଭି) ବ୍ୟବହାର କରିବା ପାଇଁ କହିଲେ । ତେଣୁ ତାହା ତିଆରି ମଧ୍ୟ କରାଗଲା । ପୁନଶ୍ଚ ହଜ଼ରତ ଅବ୍‌ଦୁଲ୍ଲାଃ ବିନ୍ ଜ଼ୈଦ ର.ଅଙ୍କୁ ସ୍ୱପ୍ନାଦେଶ ହେଲା, ସେ କହିଲେ ଯେ, ମୁଁ ସ୍ୱପ୍ନରେ ଜଣେ ବ୍ୟକ୍ତିକୁ ଦେଖିଲି ଯିଏ ଦୁଇଟି ସବୁଜ ବସ୍ତ୍ର

ପରିଧାନ କରିଥିଲା ଏବଂ ସେହି ବ୍ୟକ୍ତି ନାକୁସ୍ ଧରିଥିଲା । ମୁଁ ସ୍ୱପ୍ନରେ ହିଁ ସେହି ବ୍ୟକ୍ତିକୁ କହିଲି ଯେ, ହେ ଅଲ୍ଲାଃଙ୍କ ଭକ୍ତ ! ତୁମେ ଏହି ନାକୁସ୍ ବିକ୍ରି କରିବ କି ? ସେ କହିଲା ଯେ, ତୁମେ ଏହାକୁ ନେଇ କ'ଣ କରିବ? ମୁଁ କହିଲି ମୁଁ ଏହା ମାଧ୍ୟମରେ ନମାଜ଼ ପାଇଁ ଲୋକମାନଙ୍କୁ ଆହ୍ୱାନ ଦେବି । ସେହି ବ୍ୟକ୍ତି ଜଣକ କହିଲା ମୁଁ ଏହାଠୁ ବି ଉତ୍କୃଷ୍ଟ ଉପାୟ ସଂପର୍କରେ ତୁମକୁ ଅବଗତ କରିଦେବି । ମୁଁ କହିଲି ତାହା କ'ଣ ? ଅତଏବ ସେ ମୋତେ ଅଜ଼ାନର ଶବ୍ଦ ଗୁଡ଼ିକ ଶୁଣେଇଲା । ବର୍ଣ୍ଣନାକାରୀ କହନ୍ତି ଯେ, ହଜ଼ରତ ଅବ୍‌ଦୁଲ୍ଲାଃ ବିନ୍ ଜ଼ୈଦ୍ ର.ଅ ବାହାରିଲେ ଏବଂ ସେ ରସୁଲ୍ କରୀମ୍ ସ.ଅଙ୍କ ନିକଟକୁ ଆସିଲେ ଏବଂ ହୁଜୁର୍ ସ.ଅଙ୍କୁ ନିଜ ସ୍ୱପ୍ନ ସଂପର୍କରେ କହିଲେ । ରସୁଲ୍ କରୀମ୍ ସ.ଅ ସାହାବାମାନଙ୍କୁ କହିଲେ ଯେ, ତୁମର ସାଥି ଏକ ସ୍ୱପ୍ନ ଦେଖିଛି । ପୁନଶ୍ଚ ଅବ୍‌ଦୁଲ୍ଲାଃ ବିନ୍ ଜ଼ୈଦ୍ ର.ଅଙ୍କୁ କହିଲେ ତୁମେ ବିଲାଲ୍ ର.ଅଙ୍କ ସହିତ ମସଜିଦ୍ ଯାଅ ଏବଂ ତାଙ୍କୁ ଏହି ଶବ୍ଦ ଗୁଡ଼ିକ କହିଚାଲ ଏବଂ ସେ ଉଚ୍ଚ ସ୍ୱରରେ ତାହାକୁ ଉଚ୍ଚାରଣ କରିବେ । କାରଣ ତୁମ ଅପେକ୍ଷା ତାଙ୍କ ସ୍ୱର ଅଧିକ ଉଚ୍ଚ ଓ ପ୍ରଖର । ହଜ଼ରତ ଅବ୍‌ଦୁଲ୍ଲାଃ ବିନ୍ ଜ଼ୈଦ୍ ର.ଅ କହିଲେ ଯେ, ମୁଁ ବିଲାଲ୍ ର.ଅଙ୍କ ସହିତ ମସ୍‌ଜିଦ୍ ଆଡ଼କୁ ଗଲି ଏବଂ ମୁଁ ତାଙ୍କୁ ଏହି କଲେମାତ୍ କହି ଚାଲିଲି ଏବଂ ସେ ଉଚ୍ଚ ସ୍ୱରରେ ଉଚ୍ଚାରଣ କରି ଚାଲିଲେ । ଯେତେବେଳେ ହଜ଼ରତ ବିଲାଲ୍ ର.ଅ ତାଙ୍କର ଏହି ଶବ୍ଦରେ ପ୍ରଥମ ଥର କରି ଅଜ଼ାନ୍ ଦେଲେ ସେତେବେଳେ ହଜ଼ରତ ଉମର୍ ର.ଅ ଏହି ଶବ୍ଦକୁ ଶୁଣି ଶୀଘ୍ର ଶୀଘ୍ର ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ହଜ଼ରତ ବିଲାଲ୍ ର.ଅ ଆଜି ଯେଉଁ ଶବ୍ଦରେ ଅଜ଼ାନ ଦେଇଛନ୍ତି ମୁଁ ମଧ୍ୟ ସ୍ୱପ୍ନରେ ଠିକ୍ ତଦ୍ରୂପ ଶବ୍ଦ ଶୁଣିଲି । ଗୋଟିଏ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଆଁହଜ଼ରତ ସ.ଅ ଯେତେବେଳେ ଅଜ଼ାନ୍‌ର ଶବ୍ଦ ଶୁଣିଲେ ସେତେବେଳେ କହିଲେ ଯେ, ମୋତେ ତଦନୁଯାୟୀ ଐଶୀବାଣୀ ମଧ୍ୟ ହୋଇଛି । ଅତଃ ଏହିପରି ଭାବରେ ସାଂପ୍ରତିକ ଅଜ଼ାନର ଶୈଳୀ ପ୍ରବର୍ତ୍ତିତ ହୋଇଥିଲା । ଏହି ଶୈଳୀ ଏପରି ମଙ୍ଗଳମୟ ଏବଂ ଚିତ୍ତାକର୍ଷକ ଯେ, ଯାହାର କେହି ମୁକାବିଲା ମଧ୍ୟ କରିପାରିବ ନାହିଁ । ଯେପରି ପ୍ରତ୍ୟେକ ଦିନ ପାଞ୍ଚବେଳା ଇସ୍‌ଲାମୀୟ ଜଗତର ପ୍ରତ୍ୟେକ ସହର ଏବଂ ପ୍ରତ୍ୟେକ ଗ୍ରାମରେ ଏବଂ ପ୍ରତ୍ୟେକ ମସ୍‌ଜିଦ୍‌ରେ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ଏବଂ ମୁହମ୍ମଦ୍ ସ.ଅଙ୍କ ବାର୍ତ୍ତାବହତ୍ୱର ସ୍ୱର ଉଚ୍ଚ ହୁଏ ଏବଂ ଇସ୍‌ଲାମୀୟ ଶିକ୍ଷାର ସାରାଂଶ ଅତ୍ୟନ୍ତ ସୌନ୍ଦର୍ଯ୍ୟ ଏବଂ ପୂର୍ଣ୍ଣ ଶାବ୍ଦିକତାର ସହିତ ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦିଆଯାଇଥାଏ ।

ମୁସା ବିନ୍ ମୁହମ୍ମଦ୍ ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ହଜ଼ରତ୍ ବିଲାଲ୍ ର.ଅ ଅଜ଼ାନ୍ ଦେଇ ନବୀ କରୀମ୍ ସ.ଅଙ୍କୁ ସୂଚିତ କରିବା ପାଇଁ ଇଚ୍ଛା ବ୍ୟକ୍ତ କରୁଥିଲେ ସେତେବେଳେ ଆଁହଜ଼ରତ୍ ସ.ଅଙ୍କ ଦୁଆର ସମ୍ମୁଖରେ ଛିଡ଼ା ହୋଇଯାଉଥିଲେ ଏବଂ କହୁଥିଲେ حيّ على الصلوٰة حيّ على الفلاح ଅର୍ଥାତ୍ ହେ ଅଲ୍ଲାଃଙ୍କ ରସୁଲ ! **ନମାଜ଼ ପାଇଁ ଚାଲି ଆସନ୍ତୁ ଏବଂ ସଫଳତା ପାଇଁ ଆଗେଇ ଆସନ୍ତୁ** । ଯେତେବେଳେ ରସୁଲ୍ କରୀମ୍ ସ.ଅ ନମାଜ୍ ପାଇଁ ବାହାରୁଥିଲେ ଏବଂ ହଜ଼ରତ ବିଲାଲ୍ ର.ଅ ଆଁହଜ଼ରତ ସ.ଅଙ୍କୁ ଦେଖି ଦେଉଥିଲେ ସେତେବେଳେ ଏକାମତ୍ ଆରମ୍ଭ କରି ଦେଉଥିଲେ ।

ହୁଜ଼ୁର ଅନଓ୍ୱର ଅ.ବ କହିଲେ ଏହା ସ୍ପଷ୍ଟ ନୁହେଁ । ଏକାମତ୍ ତ' ସେତିକିବେଳେ ହିଁ ହେବ ଯେତେବେଳେ ଇମାମ୍ ମିହ୍‌ରାବରେ ଆସିଯିବ । ସୁନନ୍ ଇବ୍‌ନେ ମାଜାରେ ହଜ଼ରତ ବିଲାଲ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ୍ ବିଲାଲ୍ ର.ଅ ଫଜର୍ ନମାଜ଼ ପାଇଁ ଆଁହଜ଼ରତ ସ.ଅଙ୍କୁ ସୂଚିତ କରିବା ପାଇଁ ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ତାଙ୍କୁ କୁହାଗଲା ଯେ, ଆଁହଜ଼ରତ ସ.ଅ ଶୟନ କରୁଛନ୍ତି । ସୁତରାଂ ହଜ଼ରତ ବିଲାଲ୍ ର.ଅ الصَّلٰوۃُ خیرٌ مِّنَ النَّومِ۔ الصَّلٰوۃُ خیرٌ مِّنَ النَّومِ ଉଚ୍ଚାରଣ କଲେ । ଏପରି ସକାଳ ନମାଜ଼ରେ ଏହି ଶବ୍ଦକୁ ଅତିରିକ୍ତ ଯୋଡ଼ି ଦିଆଗଲା ଏବଂ ଏହି ପରମ୍ପରାଟି ଆଜି ପର୍ଯ୍ୟନ୍ତ ସେହିପରି ଅବ୍ୟାହତ ରହିଛି । ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ରସୁଲ୍ କରୀମ୍ ସ.ଅ କହିଲେ ହେ ବିଲାଲ୍ ! ଏହା କେତେ ଅତ୍ୟୁତ୍ତମ ଶବ୍ଦ, ତୁମେ ଏହାକୁ ଫଜର୍ ନମାଜ୍‌ରେ ସାମିଲ୍ କରିନିଅ । ରସୁଲ୍ କରୀମ୍ ସ.ଅଙ୍କର ୩ ଜଣ ମୁଅଜ୍‌ଜ଼ିନ୍ ଥିଲେ ଯଥା **୧-ହଜ଼ରତ ବିଲାଲ୍ ର.ଅ, ୨-ହଜ଼ରତ ଅବୁ ମହଜ୍ଜୁରା ର.ଅ, ୩- ଉମ୍ରୋ ବିନ୍ ଉମ୍ମେ ମକ୍‌ତୁମ୍ ର.ଅ ।**

ଖୁତ୍‌ବା ଜୁମ୍ମାର ଅନ୍ତେ ହୁଜ଼ୁର ଅନଓ୍ୱର୍ ଅ.ବ କହିଲେ ହଜ଼ରତ ବିଲାଲ୍ ର.ଅଙ୍କ ଜୀବନୀ ସଂପର୍କିତ ଅବିଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ବର୍ଣ୍ଣନା କରିବି । ଏହାପରେ ହୁଜ଼ୁର ଅନଓ୍ୱର୍ ଅ.ବ ରଉଫ୍ ବିନ୍ ମକ୍‌ସୁଦ୍ ଯିଏକି ଜାମିୟା ଅହେମଦିୟା ୟୁ.କେର ଜୁନିୟର୍ (କନିଷ୍ଠ) ଛାତ୍ର, ସମ୍ମାନନୀୟ ଜଫର୍ ଇକ୍‌ବାଲ୍ କୁରୈଶୀ ସାହେବ ଯିଏ ଇସ୍‌ଲାମାବାଦ୍ ଜିଲ୍ଲାର ପୂର୍ବତନ ନାଏବ୍ ଅମୀର୍ ଥିଲେ, ସମ୍ମାନନୀୟ କାବିନେ ୱାଜା କାଟା ସାହେବ ଅଫ୍ ସେନିଗାଲ୍ ଏବଂ ସମ୍ମାନନୀୟ ମୁବଶ୍‌ଶୀର୍ ଅହେମଦ୍ ଲତିଫ୍ ସାହେବ ଯିଏକି ପାକିସ୍ତାନର ସର୍ବୋଚ୍ଚ ନ୍ୟାୟଳୟର ଓକିଲ ଥିଲେ ଏବଂ ବର୍ତ୍ତମାନ କାନାଡ଼ା ଠାରେ ଅବସ୍ଥାନ କରୁଥିଲେ । ଉପରୋକ୍ତ ମୃତକଙ୍କର ପ୍ରଶଂସନୀୟ ଗୁଣାବଳୀର ଚର୍ଚ୍ଚା କଲେ, ଅଲ୍ଲାଃତାଲା ବୈକୁଣ୍ଠରେ ଏମାନଙ୍କର ସ୍ତର ଉନ୍ନୀତ କରିବା ନିମନ୍ତେ ଏବଂ ଦୟାବତୀର୍ଣ୍ଣ ହେବା ନିମନ୍ତେ ଦୁଆ କଲେ ତଥା ନମାଜ଼ ଜୁମା ପରେ ଏହି ସମସ୍ତ ମୃତକଙ୍କର ନମାଜ଼ ଯନାଜ଼ାଃ ଗାଏବ୍ ମଧ୍ୟ ପଢେଇବାର ଘୋଷଣା କଲେ ।

KHULASA KHUTBA JUMA HUZOOR ANWAR a.b.a

11th Sep 2020

.........................